## ଆଜି କ'ଣ କେଉଁଠି

**ବ୍ରହ୍ମପୁର**
- ବାଇଓ ମେଡିକାଲ ଆବର୍ଜନା ସଂଗ୍ରହ ଯାନ ଉଦ୍‌ଘାଟନ , ସ୍ଥାନ-ବିଏମ୍‌ସି କାର୍ଯ୍ୟାଳୟ ,ସମୟ-ପୂର୍ବାହ୍ନ ୧୧ଟା ୩୦

**ବୁଗୁଡ଼ା**
- ବୁଦ୍ଧଖୋଲ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ-ବୁଦ୍ଧଖୋଲ କଲ୍ୟାଣ ମଣ୍ଡପ , ସମୟ- ଅପରାହ୍ନ ୪ଟା

## ସଂକ୍ଷେପରେ

### ବ୍ୟବସାୟୀ ନିଖୋଜ



ଦିଗପହଣ୍ଡି/ଚିକିଟି,୩।୧(ଡି.ଏନ୍.ଏ.) ଗଞ୍ଜାମ ଜିଲା ନୂଆପଡ଼ା ଗ୍ରାମର ଜଣାଶୁଣା ବ୍ୟବସାୟୀ ପି. ମୁରଲୀ କ୍ରିଷ୍ଣା ଘରୁ ନିଖୋଜ ହୋଇଯାଇଛନ୍ତି। ଏନେଇ ପରିବାର ଲୋକେ କେ.ନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନିଖୋଜ ମାମଲା ରୁଜୁକରି ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲେ ମଧ୍ୟ ସୁରାକ ପାଇପାରିନାହିଁ। ନୂଆପଡ଼ାରେ ଇଲେକ୍ଟ୍ରିକାଲ ଦୋକାନ କରିଥିବା ମୁରଲୀ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ୧ ଟାରେ ଘରେ ଖାଇସାରି ନିଜ ବାଇକରେ ଦିଗପହଣ୍ଡି ଯାଉଛି କହି ଘରୁ ବାହାରିଥିଲେ। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ କରିବାରୁ ତାହା ସୁଇଚ ଅଫ୍ ରହିଥିଲା। ମଙ୍ଗଳବାର ସକାଳେ ପରିବାର ଲୋକେ କେ.ନୂଆଗାଁ ଥାନାରେ ପହଞ୍ଚି ଏତଲା ଦେଇଥିଲେ। ପୋଲିସ ତାଙ୍କ ମୋବାଇଲକୁ ଟ୍ରାକିଂ କରିବାରୁ ଚିକିଟି ପିତାତଳି ମୋବାଇଲ ଟାୱାର ଇଲାକା ଠାରୁ ତାଙ୍କ ମୋବାଇଲ ଫୋନ ସୁଇଚ ଅଫ୍ ରହିଥିବା ଜଣାପଡ଼ିଛି। ତାଙ୍କୁ କେହି ଅପହରଣ କରିଥିବା ଚର୍ଚ୍ଚା ହେଉଛି। ତେବେ ତାଙ୍କର କେହି ଶତ୍ରୁ ନଥିବା ପରିବାର ଲୋକେ ପୋଲିସକୁ ଜଣାଇଛନ୍ତି।

### ଅବସରପ୍ରାପ୍ତ ପୋଲିସ୍ ଏସ୍ଆଇଙ୍କୁ ଆକ୍ରମଣ

ବୁଗୁଡ଼ା, ୩।୧(ଡି.ଏନ୍.ଏ) ବୁଗୁଡ଼ା ବୁଦ୍ଧଖୋଲ ରୋଡ଼ରେ ଦୋକାନ କରିଥିବା ଅବସରପ୍ରାପ୍ତ ପୋଲିସ ଏଏସ୍ଆଇ ବିଜୟ କୁମାର ବିଷୋୟୀଙ୍କୁ ଜଣେ ନିଶାଗ୍ରସ୍ତ ଯୁବକ ଆକ୍ରମଣ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବିଜୟ ଦୋକାନରେ ବସିଥିବା ବେଳେ ଉକ୍ତ ସାହିର ଯୁବକ ଦିଲୀପ କୁମାର ଦାଶ ଏକ ଥଣ୍ଡା ପାନୀୟ ମାଗିଥିଲେ। ବାକି ଦିଆଯିବ ନାହିଁ ବୋଲି ବିଜୟ କହିବାରୁ ଦିଲୀପ ଘରକୁ ଯାଇ ଏକ ଛୁରି ଆଣି ଆସି ପୁଣି ଥଣ୍ଡା ମାଗିଥିଲେ। ତମକୁ ଦିଆଯିବ ନାହିଁ ବୋଲି ବିଜୟ ପୁଣି କହିବାରୁ ଦିଲୀପ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ବିଜୟଙ୍କ ମୁଣ୍ଡ ଓ ବାମ ହାତରେ ଗଭୀର ଆଘାତ ଲାଗିଥିଲା। ବିଜୟଙ୍କୁ ପରିବାର ଲୋକେ ବୁଗୁଡ଼ା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୩।୧-ପାତ୍ରପୁର ବ୍ଲକ ତୁଳସା ଦେବୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦେବୀ ପ୍ରସାଦିନୀ ପଣ୍ଡାଙ୍କୁ ଜିଲା ଶିକ୍ଷାଧିକାରୀ ବିନୀତା ସେନାପତି ମଙ୍ଗଳବାର ନିଜ କାର୍ଯ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଜଣାଇଛନ୍ତି। ଅବସର ଜୀବନ ମଙ୍ଗଳମୟ ହେବା ସହ ପେନସନ୍ ସମ୍ବନ୍ଧୀୟ କାଗଜପତ୍ର ପ୍ରଦାନ କରିଥିଲେ।

# ପୃଥକ୍ ଦୁର୍ଘଟଣା: ୩ ଜୀବନ ଗଲା

## ମୃତକଙ୍କ ମଧ୍ୟରେ ଆଇନଜୀବୀ, ଅବସରପ୍ରାପ୍ତ ଶିକ୍ଷକ

ଭଞ୍ଜନଗର/ପୁରୁଷୋତ୍ତମପୁର/ପାରଳାଖେମୁଣ୍ଡି,୩।୧(ଡି.ଏନ.ଏ)

ଗଞ୍ଜାମ ଓ ଗଜପତି ଜିଲାରେ ମଙ୍ଗଳବାର ପୃଥକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଯୁବ ଆଇନଜୀବୀ ଓ ଜଣେ ଅବସରପ୍ରାପ୍ତ ଶିକ୍ଷକ ଅଛନ୍ତି। ଭଞ୍ଜନଗର ବାର୍ ଆସୋସିଏଶନର ଯୁବ ଆଇନଜୀବୀ ସୁରଜିତ ପଣ୍ଡାଙ୍କ କୌଣସି ଏକ ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ବାର୍ ଆସୋସିଏଶନ କର୍ମକର୍ତ୍ତାମାନେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଭଞ୍ଜନଗର ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଛି। ସୁରଜିତ୍ ପୂର୍ବାହ୍ନରେ ବାଇକ୍‌ରେ କୁଲାଡ଼ ଅଭିମୁଖେ ଯାଉଥିଲେ । ସାହାଣପଲ୍ଲୀ ନିକଟରେ ଏମ୍‌ଭିଆଇଙ୍କ ପକ୍ଷରୁ ଯାନବାହନ ଯାଞ୍ଚ ଚାଲିଥିଲା। ସୁରଜିତ୍ ଯାଞ୍ଚ ସମୟରେ ବ୍ରେକ୍ ମାରିଥିବା ବେଳେ କୌଣସି ଗାଡ଼ି ତାଙ୍କୁ ଧକ୍କା ଲଗାଇ ପଳାଇଥିବା ଅନୁମାନ କରାଯାଉଛି। ଏମ୍‌ଭିଆଇ କର୍ମଚାରୀମାନେ ସୁରଜିତଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

ସେହିପରି ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହିଞ୍ଜୁଳା ଛକ ନିକଟରେ ଅଟୋ ଧକ୍କାରେ ଛତ୍ରପୁର ଥାନା ଅନ୍ତର୍ଗତ ସିଙ୍ଗିପୁର ଗ୍ରାମର ଶ୍ରୀନିବାସ ପାତ୍ର (୬୯)ଙ୍କ ମୃତ୍ୟୁ ଘଟିଛି। ସେ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଅଟୋଟି ପଛପଟୁ ଧକ୍କା ଦେଇଥିଲା। ଫଳରେ ଶ୍ରୀନିବାସ ଗୁରୁତର ଭାବେ ଆହତ ହୋଇ ତଳେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୁଷୋତ୍ତମପୁର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ମୃତଦେହ ଜବତ କରିବା ସହ ଅଟୋକୁ ମଧ୍ୟ ଜବତ କରିଛି। ଏ ନେଇ ଥାନା କେସ୍ ନଂ. ୭/୨୩ ରେ ମାମଲା ରୁଜୁ ହୋଇଛି।



ଆଇନଜୀବୀ ସୁରଜିତ ପଣ୍ଡା

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଥିବା ନଟରାଜ ସିନେମା ହଲ ନିକଟରେ ଟ୍ରାକ୍ଟର ଧକ୍କାରେ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ପଣ୍ଡାଙ୍କ ମୃତ୍ୟୁ ଘଟିଛି। ରବୀନ୍ଦ୍ର ଅବସର ଗ୍ରହଣ ପରେ ପୁରୋହିତ କାମ କରୁଥିଲେ। ମଙ୍ଗଳବାର କୌଣସିଠାରେ ପୂଜାପାଠ କରି ଘରକୁ ଫେରୁଥିବା ସମୟରେ ଟ୍ରାକ୍ଟର(ଏପି୩୦ଭି ୨୫୮୮) ପଛପଟୁ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନାଯୋଗ୍ୟ, ଗତ ରବିବାର ଓ ସୋମବାର ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ହୋଇଥିବା ସଡ଼କ ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ଘଟିଥିଲା।

# ଲୋକକଳା ଓ ସଂସ୍କୃତିକୁ ଗୁରୁତ୍ୱ

## ସିଲ୍କ ସିଟି ଫେଷ୍ଟ ନେଇ ବିଏମ୍‌ସିର ପ୍ରସ୍ତୁତି ବୈଠକ

ବ୍ରହ୍ମପୁର ଅଫିସ,୩।୧

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଆସନ୍ତା ୧୩ରୁ ୧୭ ତାରିଖ ଯାଏ ୟୁସିପି ଇଞ୍ଜିନିୟରିଂ ସ୍କୁଲ ପଡିଆରେ ସିଲ୍କ ସିଟି ଫେଷ୍ଟ ମହୋତ୍ସବ ଅନୁଷ୍ଠିତ ହେବ। ଏ ନେଇ ବିଏମ୍‌ସି ପକ୍ଷରୁ ଗତ କିଛି ଦିନ ଧରି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବା ସହ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହେଉଛି। ତେବେ ମଙ୍ଗଳବାର ବିଏମ୍‌ସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମହୋତ୍ସବକୁ କେଉଁ କଳାକାରମାନେ ଆସିବେ, ସେମାନଙ୍କ ରହଣି ଓ ସନ୍ଧ୍ୟାରେ ପରିବେଷଣ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ମେୟର ସଂଘମିତ୍ରା ଦଳେଇ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, କମିଶନର ଜେ.ସୋନାଲ, ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି.କୀର୍ତ୍ତି ୱାସନ ଉପସ୍ଥିତ ଥିଲେ। ମହୋତ୍ସବରେ ଏସ୍‌ଏଚଜି ମହିଳାଙ୍କ ଷ୍ଟଲ୍ ରହିବ। ବ୍ୟବସାୟୀଙ୍କ ନିମନ୍ତେ ମଧ୍ୟ ଷ୍ଟଲ୍ ରହିବ। ଜିଲାର କଳା, ସଂସ୍କୃତି ଓ କ୍ରୀଡାକୁ ମହୋତ୍ସବରେ ଗୁରୁତ୍ୱ ଦିଆଯିବ। ଗଞ୍ଜାମ ସମେତ ରାଜ୍ୟରୁ ମଧ୍ୟ କଳାକାର ଆସିବା ପାଇଁ କାର୍ଯ୍ୟକ୍ରମ ରହିଥିବା ମେୟର ସୂଚନା ଦେଇଛନ୍ତି। ବଲିଉଡ୍‌ରୁ ମଧ୍ୟ ସଂଗୀତଜ୍ଞ ସମେତ ମହାନଗରର ବିଭିନ୍ନ ୱାର୍ଡର କର୍ପୋରେଟରଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ପଲିଶ୍ରୀ ମେଳା, ପୁସ୍ତକ ଷ୍ଟଲ ଓ ଏସ୍‌ଏଚଜି ମହିଳାଙ୍କ ନିମନ୍ତେ ପ୍ରାୟ ୧୨୦ଟି ଷ୍ଟଲ ରହିବ। ଏଥିସହ ଅଲମ୍ପିକ କ୍ରୀଡା ସମେତ ବିଭିନ୍ନ କ୍ରୀଡାରେ ସଫଳତା ହାସଲ କରିଥିବା କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି।



ପ୍ରସ୍ତୁତି ବୈଠକରେ ଉପସ୍ଥିତ ମେୟର, ଏମ୍‌ପି ଓ ଅନ୍ୟମାନେ।

### ଅଙ୍ଗନୱାଡି କେନ୍ଦ୍ରରୁ ଚୋରି

ବ୍ରହ୍ମପୁର ଅଫିସ,୩।୧

ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ପୌରପାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ୬ ଗୋଟି ଅଙ୍ଗନୱାଡି କେନ୍ଦ୍ରରୁ ଏକକାଳୀନ ଚୋରି ହୋଇଛି। ଚୋରମାନେ ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ତାଲା ଭାଙ୍ଗି ତା' ଭିତରେ ରଖାଯାଇଥିବା ଚାଉଳ, ନଥିପତ୍ର, ଆସବାବପତ୍ର, ଗ୍ୟାସ ଚୁଲା, ଟିଣବାକ୍ସ, ଅଣ୍ଡା ଓ ଛତୁଆ ସମେତ ସମସ୍ତ ଚେୟାର ଟେବୁଲ ଚୋରି କରି ନେଇଯାଇଛନ୍ତି। ଚୋରି ଘଟଣାକୁ ନେଇ ୬ଜଣ କର୍ମୀ ବଡବଜାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨/୨୩ ରେ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ବଡବଜାର ଥାନା ଅନ୍ତର୍ଗତ ପୁରୁଣା ବ୍ରହ୍ମପୁର ପୌରପାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ କରଣ ସାହି, ପୌର ସାହି, ପ୍ରହଲ୍ଲାଦନଗର, ବଡରେଡିକା ସାହି, ରାଧାକାନ୍ତ ସାହି ଓ ଆଇନାବନ୍ଧ ହୁଡା ଅଙ୍ଗନୱାଡି କେନ୍ଦ୍ର ରହିଛି। ଅଙ୍ଗନୱାଡି କର୍ମୀମାନେ ନିଜ ନିଜର କେନ୍ଦ୍ର ବନ୍ଦକରି ତାଲା ପକାଇ ଫେରିଥିଲେ। ପରେ କେନ୍ଦ୍ର ତାଲା ଭଙ୍ଗା ଯାଇଥିବା ନେଇ ଖବର ମିଳିଥିଲା। କର୍ମୀମାନେ କେନ୍ଦ୍ର ଭିତରକୁ ଯାଇ ଦେଖିବା ବେଳେ ତା' ଭିତରେ ଗୋଟିଏ ବି ସାମଗ୍ରୀ ନ ଥିବା ଜଣାପଡ଼ିଥିଲା।

# ଫାଷ୍ଟ ଫୁଡ୍ ଦୋକାନରୁ ଶିଶୁ ଶ୍ରମିକ ଉଦ୍ଧାର

ବ୍ରହ୍ମପୁର ଅଫିସ,୩।୧

ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ବିଜିପୁର ବଡ଼ସାହିରୁ ଜଣେ ଶିଶୁ ଶ୍ରମିକଙ୍କୁ ଚାଇଲଡ ଲାଇନ୍ ମଙ୍ଗଳବାର ଉଦ୍ଧାର କରିଛି। ୧୪ ବର୍ଷର ଏହି ନାବାଳକ ଜଣଙ୍କ ଏକ ଫାଷ୍ଟ ଫୁଡ୍ ଦୋକାନରେ କିଛି ମାସ ହେବ କାମ କରୁଥିଲେ ବୋଲି ସୂଚନା ମିଳିଛି। ଅଧିକ ଟଙ୍କା ଦେବା ବାହାନାରେ ଗଜପତି ଜିଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ଅଞ୍ଚଳର ଏହି ନାବାଳକଙ୍କୁ ବ୍ରହ୍ମପୁର ଆଣି ତାଙ୍କୁ ଦୋକାନରେ ରଖି କାମ କରାଯାଉଥିଲା। ଏ ନେଇ ଚାଇଲଡ୍ ଲାଇନ୍‌କୁ ଖବର ମିଳିବା ପରେ ସହକାରୀ ଶ୍ରମ ଅଧିକାରୀ ବର୍ଷା ଜେନା, ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ଅଧିକାରୀ ସୁଦାମ ପାଣିଗ୍ରାହୀ ଓ ଚାଇଲଡ୍ ଲାଇନ୍ କର୍ମଚାରୀ ବଳରାମ ମଲିକ ଉକ୍ତ ଫାଷ୍ଟ ଫୁଡ଼ ଦୋକାନରୁ ସମ୍ପୃକ୍ତ ନାବାଳକ ତଥା ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରିଛି। ଚାଇଲଡ୍ ଲାଇନ୍ ପକ୍ଷରୁ ଉଦ୍ଧାର ହୋଇଥିବା ନାବାଳକଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର କରାଯିବା ପରେ କମିଟିର ନିର୍ଦ୍ଦେଶ ପ୍ରକାରେ ତାଙ୍କୁ ଉତ୍କଳ ବାଳାଶ୍ରମକୁ ହସ୍ତାନ୍ତର କରାଯାଇଛି।

ଏନେଇ ବ୍ରହ୍ମପୁର ଶ୍ରମ ଅଧିକାରୀ ବାବୁ ଚରଣ ପାତ୍ର କହିଛନ୍ତି, ଗତ ବର୍ଷ ୧୪ ଜଣ ଶିଶୁ ଶ୍ରମିକଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି। ଚଳିତ ବର୍ଷର ଏହା ପ୍ରଥମ ଘଟଣା। ଉକ୍ତ ଫାଷ୍ଟ ଫୁଡ଼ ଦୋକାନ ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି। ଆଗାମୀ ଦିନରେ ଶ୍ରମ ବିଭାଗ ପକ୍ଷରୁ ଏଭଳି ଚଢାଉ ଜାରି ରହିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି।

### ଡା. ଶୁଭଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ବ୍ରହ୍ମପୁର ଅଫିସ,୩।୧

କେନ୍ଦୁଝର ଜିଲା ଯୋଡା ଅର୍ବାନ ହସ୍‌ପିଟାଲରେ କାର୍ଯ୍ୟରତ ଡା. ଶୁଭଶ୍ରୀ କରଙ୍କ ବିୟୋଗରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ପକ୍ଷରୁ ଶୋକପ୍ରକାଶ ପାଇଛି। ଡାକ୍ତର ଶୁଭଶ୍ରୀ ଏମ୍‌କେସିଜିରେ ଏମ୍‌ବିବିଏସ୍ ପାଠପଢା ଶେଷ କରିବା ସହ ହାଉସ ସର୍ଜନ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ବିୟୋଗରେ ଏମ୍‌କେସିଜିର ଡାକ୍ତର ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମଙ୍ଗଳବାର କଲେଜର ପ୍ରଶାସନିକ କୋଠାଠାରେ ଥିବା ବିବେକାନନ୍ଦଙ୍କ ମୂର୍ତ୍ତି ସମ୍ମୁଖରେ ଡା.ଶୁଭଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭାରେ ଏମ୍‌କେସିଜି ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଅବନୀକାନ୍ତ ମିଶ୍ର, ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର, ଉପାଧ୍ୟକ୍ଷ ପ୍ରଫେସର ଦୁର୍ଗାମାଧବ ଶତପଥୀ, ଉପାଧ୍ୟକ୍ଷ ପ୍ରଫେସର ନରେନ୍ଦ୍ର ବେହେରା, ପ୍ରଫେସର ଜେ. ସାଗର ପୃଷ୍ଟି, ରେଜିଷ୍ଟ୍ରାର ରାଜେନ୍ଦ୍ର ମିଞ୍ଜଙ୍କ ସମେତ ବହୁ ଡାକ୍ତର ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଶିଶୁଙ୍କ ଚକ୍ଷୁ, ଦାନ୍ତ ପରୀକ୍ଷା କରିବ ରୋଟାରୀ କ୍ଲବ

ବ୍ରହ୍ମପୁର ଅଫିସ,୩।୧

ଛୋଟ ଶିଶୁଙ୍କ ନିକଟରେ ବର୍ତ୍ତମାନ ଦୃଷ୍ଟିଶକ୍ତି ହ୍ରାସ ପାଇବା ସହ ଦନ୍ତ ରୋଗରେ ମଧ୍ୟ ଶିକାର ହେଉଛନ୍ତି। ଛୋଟ ଶିଶୁଙ୍କୁ ଏଭଳି ରୋଗ ଉପଶମ ପାଇଁ ରୋଟାରୀ କ୍ଲବ ବ୍ରହ୍ମପୁର ପକ୍ଷରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରାଯାଇଛି। କ୍ଲବ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ରଙ୍ଗେଇଲୁଣ୍ଡା ବ୍ଲକ ଓ ବ୍ରହ୍ମପୁରରେ ରହିଥିବା ୬୯ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦାନ୍ତ ଓ ଚକ୍ଷୁ ପରୀକ୍ଷା କରାଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୧୦ ହଜାର ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କ୍ଲବ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ କ୍ଲବ ସଭାପତି ସତ୍ୟକାମ ପାତ୍ର, ସମ୍ପାଦକ ସାର୍ଥକ ଓ ସର୍ଭିସ ପ୍ରୋଜେକ୍ଟ ଚେୟାରମ୍ୟାନ ମୁରଲୀ କ୍ରିଷ୍ଣ ଓ ପବ୍ଲିକ ସର୍ଭିସ ଚେୟାରମ୍ୟାନ ଭି. ଅଜୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com




@ ଦୀପକ



@ କ୍ଷୀରାବ୍ଧି


ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ନିରପେକ୍ଷ ତଦନ୍ତ ଦାବି କଲା ଭାଜପା

## ଚିକିଟି ନିର୍ବାଚନମଣ୍ଡଳୀ ଗୋଷ୍ଠୀ ସଂଘର୍ଷ ଘଟଣା



ଖବରଦାତା ସମ୍ମିଳନୀ।

ବ୍ରହ୍ମପୁର ଅଫିସ,୩।୧

ଗଞ୍ଜାମ ଜିଲା ଚିକିଟି ନିର୍ବାଚନମଣ୍ଡଳୀର ଆମ୍ବଗାଁ ଓ ପିତାତଳିରେ ଗତ କିଛିଦିନ ହେଲା ଦୁଇ ପ୍ରମୁଖ ରାଜନୈତିକ ଦଳର ସମର୍ଥକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଲାଗି ରହିଛି। ଶାସକ ଦଳର ସମର୍ଥକମାନେ ଅଞ୍ଚଳରେ ଏକଛତ୍ରବାଦ ଭାବେ ଗୁଣ୍ଡାରାଜ ଚଳାଇଛନ୍ତି। ଗତ ଡିସେମ୍ବର ୨୨ରେ ଭାଜପା ସମର୍ଥକ ଆମ୍ବଗାଁର ଏମ୍. ରାମା ରାଓଙ୍କୁ ପାତ୍ରପୁର ବ୍ଲକ ସାମନ୍ତିଆପଲିରେ ସଂଘବଦ୍ଧ ଭାବେ ଶାସକ ଦଳ ସମର୍ଥକମାନେ ହତ୍ୟା କରିଥିଲେ। ଏଥିରେ ଏମ୍.କ୍ରିଷ୍ଣା ଓ ଏମ୍. ଲାଛେୟା ଗୁରୁତର ହୋଇଥିଲେ। ଜରଡ଼ା ଥାନା ପୋଲିସ ପକ୍ଷରୁ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ସେହିପରି ଗୋଳନ୍ଥରା ଥାନା ଅନ୍ତର୍ଗତ ପିତାତଳିରେ ଗତ ୩୧ ତାରିଖ ସନ୍ଧ୍ୟାରେ ଶାସକ ଦଳର ସମର୍ଥକମାନେ ଉକ୍ତ ଗ୍ରାମର ଭାଜପା ସମର୍ଥକ କେ. ଜାନକୀ ରାଓଙ୍କୁ ସଂଘବଦ୍ଧ ଭାବେ ଘାତକ ଆକ୍ରମଣ କରିଥିଲେ। ଉପରୋକ୍ତ ଦୁଇଟି ଘଟଣାରେ ପୋଲିସ ଏବେ ଏକପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ନେଇ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଶାସକ ଦଳକୁ ସୁହାଇଲା ଭଳି ପଦକ୍ଷେପ ଗ୍ରହଣ କରୁଛି। ପୋଲିସ ଅଞ୍ଚଳରେ ଶାନ୍ତି କମିଟି ଗଠନ କରି ଶୃଙ୍ଖଳା ବଜାୟ ରଖିବାକୁ ଦାବି ହୋଇଛି। ପୋଲିସ ଘଟଣାର ନିରପେକ୍ଷ ତଦନ୍ତ କରୁ ନଚେତ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରା ମଙ୍ଗଳବାର ନୀଳାଞ୍ଚଳନଗରରେ ଥିବା ସଂସଦୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି।

# ପୁରୁଷ, ମହିଳା ହକି ଦଳର ଭୁବନେଶ୍ୱର, ରାଉରକେଲା ଯାତ୍ରା

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ଅଫିସ,୩।୧୨

ଜାନୁୟାରୀ ୧୩ରୁ ଭୁବନେଶ୍ୱରଠାରେ ବିଶ୍ୱକପ ହକି ଆୟୋଜନ ହେଉଛି। ଏହାପୂର୍ବରୁ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ହକିର ଲୋକପ୍ରିୟତା ଅଧିକ ବୃଦ୍ଧି କରିବା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରୟାସ କ୍ରମେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ମଧ୍ୟରେ ହକି ଚାମ୍ପିୟନଶିପ୍ ଅନୁଷ୍ଠିତ ହେଉଛି। ଜାନୁୟାରୀ ୫ ରୁ ୮ ପର୍ଯ୍ୟନ୍ତ ରାଉରକେଲାଠାରେ ଏବଂ ୪ରୁ ୬ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିନିମନ୍ତେ ସୋମବାର ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରୁ ଉଭୟ ୧୫ଜଣିଆ ମହିଳା ଓ ୧୮ ଜଣିଆ ପୁରୁଷ ହକି ଦଳ ରାଉରକେଲା ଓ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। ବିଶ୍ୱବିଦ୍ୟାଳୟ ହକି ଦଳର ରାଉରକେଲା ଓ ଭୁବନେଶ୍ୱର ଗସ୍ତ ପୂର୍ବରୁ ସୋମବାର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଉଭୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଇଲାରାଣୀ ପଟ୍ଟନାୟକ, କୁଳ ସଚିବ ଶାନ୍ତି ସୁଧା ପାତ୍ର, ପରୀକ୍ଷା ନିୟନ୍ତ୍ରକ ଡ.ମନୋଜ କୁମାର ପଟ୍ଟନାୟକ, ବିତ୍ତ ନିୟନ୍ତ୍ରକ କାଳୀ ପ୍ରସାଦ ଖଟାଇ, ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ନରେନ୍ଦ୍ର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ। ମହିଳା ହକି ଦଳ ସହ ଟିମ୍ ମ୍ୟାନେଜର ଭାବେ ଅଧ୍ୟାପିକା ଡ.ସସ୍ମିତା ବଳିୟାରସିଂ ଓ କୋଚ ଅନିଲ କୁମାର ପାତ୍ର ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଛନ୍ତି। ସେହିପରି ପୁରୁଷ ଦଳ ସହ ଟିମ୍ ମ୍ୟାନେଜର ଭାବେ ସନ୍ତୋଷ କୁମାର ବେହେରା ଓ କୋଚ ଅଜୟ କୁମାର ସ୍ୱାଇଁ ଯାତ୍ରା କରୁଛନ୍ତି।





ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସହ ମହିଳା ହକି ଦଳ ।

# ୬ରୁ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ

ବ୍ରହ୍ମପୁର ଅଫିସ,୩।୧

ଗଞ୍ଜାମ ଜିଲା ମଞ୍ଚ କଳାକାର ସମ୍ମିଳନୀ ପକ୍ଷରୁ ଆସନ୍ତା ୬ରୁ ୧୨ ତାରିଖ ଯାଏ ୩୨ତମ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ ପ୍ରକାଶମ୍ ହଲ୍‌ଠାରେ ଅନୁଷ୍ଠିତ ହେବ। ଏ ନେଇ କଳାକାର ମଞ୍ଚ ପକ୍ଷରୁ ଗଞ୍ଜାମ କଳା ପରିଷଦ ପାଠାଗାର ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ନାଟକର ପ୍ରଥମ ସନ୍ଧ୍ୟାରେ ବ୍ରହ୍ମପୁର ସକଳେଶ୍ୱର ନାଟ୍ୟ ସଂଘ ପକ୍ଷରୁ ଅଭିଶାପ ନାଟକ ମଞ୍ଚସ୍ଥ ହେବ। ଦ୍ୱିତୀୟ ସନ୍ଧ୍ୟାରେ ଖୋର୍ଦ୍ଧା ଜିଲା ଆଦର୍ଶ କଳାକାର ନାଟ୍ୟ ଅନୁଷ୍ଠାନ ପକ୍ଷରୁ ବର୍ଷା ଆଖିରେ ଲୁହ, ୩ୟ ସନ୍ଧ୍ୟାରେ ଚିକିଟି ଶ୍ରୀଜଗନ୍ନାଥ କଳା ପରିଷଦ ପକ୍ଷରୁ ଏ କାହାଣୀ ରାଜଧାନୀର, ୪ର୍ଥ ସନ୍ଧ୍ୟାରେ ବ୍ରହ୍ମପୁର ଜଗା ବଳିଆ କଲଚରାଲ ଅନୁଷ୍ଠାନର ଅନ୍ଧାରର ଆର୍ତ୍ତନାଦ, ୫ମ ସନ୍ଧ୍ୟାରେ ନବରଙ୍ଗପୁର ଝରିଗାଁ ଭାରତୀ କଳା ନିକେତନର ସମ୍ପର୍କ ଓ ଷଷ୍ଠ ସନ୍ଧ୍ୟାରେ ପୁରୀ କଳିଙ୍ଗ କଳାକାରଙ୍କ ଦ୍ୱାରା ଅସହାୟ ନାଟକ ପରିବେଷଣ କରାଯିବ। ଶେଷ ସନ୍ଧ୍ୟାରେ ରାଉରକେଲା କଳାକାରଙ୍କ ପକ୍ଷରୁ ଅନୁଭବର ଈଶ୍ୱର ନାଟକ ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚ ସଭାପତି ବଳରାମ ଦାସ, ସାଧାରଣ ସମ୍ପାଦକ ରମେଶ ମହାରଣା, କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ଆବାହକ ଭବାନୀ ମିଶ୍ର, କିରଣବାଳା ମିଶ୍ର ଓ ଡ.ମିହିର ତ୍ରିପାଠୀଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ପାରିବାରିକ କଳହକୁ ନେଇ ଗଣ୍ଡଗୋଳ

ବୁଗୁଡା,୩।୧(ଡି.ଏନ.ଏ.)-ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ମୋଚିସାହିରେ ପାରିବାରିକ କଳହକୁ କେନ୍ଦ୍ରକରି ଭାଇବୋହୂ ରଶ୍ମିତା ବେହେରା ଦେଢ଼ଶୁର କାମ ବେହେରାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଏ ନେଇ ବୁଗୁଡା ଥାନାରେ କେଶ୍ ନଂ ୧/୨୩ରେ ମାମଲା ରୁଜୁ ହୋଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। ପ୍ରକାଶ ଯେ, ନୂଆବର୍ଷର ପ୍ରଥମ ଦିନରେ କାମ ଓ ତାଙ୍କର ସାନ ଭାଇ ଲିଟୁଙ୍କ ମଧରେ ପାରିବାରିକ କଳହକୁ ନେଇ ଗଣ୍ଡଗୋଳ ଘଟିଥିଲା। ଏହି ଅବସରରେ ଲିଟୁଙ୍କ ପତ୍ନୀ ରଶ୍ମିତାଙ୍କୁ କାମ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିବା ନେଇ ଥାନାରେ ରଶ୍ମିତା ଅଭିଯୋଗ କରିଥିଲେ।

## ବାଇକ୍ ଚୋରି, ଥାନାରେ ଏତଲା

ଦିଗପହଣ୍ଡି,୩।୧(ଡି.ଏନ.ଏ.)-ଦିଗପହଣ୍ଡି ଥାନା ମହୁଡ଼ା ବିକାଶପୁର ଗ୍ରାମରୁ ଏକ ବାଇକ୍ (ଓଆର୦୭ ଏସ ୪୮୨୫)କୁ କେହି ଚୋରାଇ ନେଇଥିବା ଅଭିଯୋଗ ହୋଇଛି। ଗୋଳନ୍ଥରା ଥାନା ବିଶ୍ୱନାଥପୁର ଗ୍ରାମର ଭଗବାନ ନାୟକ ବିକାଶପୁର ଗ୍ରାମରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ବାଇକଟିକୁ ଚୋରି କରି ନେଇଛି। ଏନେଇ ଭଗବାନ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ନଂ.୨/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଚମ୍ପେଇତପୁରରେ ଶ୍ରେଣୀଗୃହ ଉଦ୍‌ଘାଟିତ

କବିସୂର୍ଯ୍ୟନଗର,୩।୧(ଡି.ଏନ.ଏ.)-ବୁଢ଼ାମ୍ବ ପଞ୍ଚାୟତ ମୁକ୍ତାମାଳା ଚମ୍ପେଇତପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅତିରିକ୍ତ ଶ୍ରେଣୀଗୃହ ବିଧାୟିକା ଲତିକା ପ୍ରଧାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ବିଡ଼ିଓ ତନ୍ମୟ ପାତ୍ର, ଜିଲା ପରିଷଦ ସନ୍ତୋଷ କୁମାର ପାଢ଼ୀ, ସରପଞ୍ଚ ସୁଜିତା ପଣ୍ଡା, ସମିତିସଭ୍ୟା ମମତା ପ୍ରଧାନ ଓ ପ୍ରତିନିଧି ଚନ୍ଦ୍ରଶେଖର ପ୍ରଧାନ, ନାଏବ ସରପଞ୍ଚ କାଳୁଚରଣ ଚାନ୍ଦ, ପ୍ରଧାନଶିକ୍ଷକ କ୍ଷୀରଦଅଲ୍ଲୀ ଖାନ, ଆଠଗଡ଼ ପ୍ରାକ୍ତନ ସରପଞ୍ଚ ସୁନୀଲ କୁମାର ପୋଲାଇ ଓ ବୁଢ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ପେସାଦାର ଚୋର କୋର୍ଟଚାଲାଣ

ବୁଗୁଡ଼ା,୩।୧(ଡି.ଏନ.ଏ.)-ବାରମ୍ବାର ଚୋରି କରି ଜେଲ ଯିବା ଏବଂ ଜାମିନ୍‌ରେ ଆସି ପୁଣି ଚୋରି କରି ପୋଲିସକୁ ନାକେଦମ୍ କରୁଥିବା ବୁଗୁଡ଼ା ଖଦାଳସାହିର ପେସାଦାର ଚୋର ପ୍ରଭାକର ନାୟକ ଓରଫ ମାଠଗୁଣାଙ୍କୁ ପୁଣି ଏକ ଚୋରି ଘଟଣାରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତା' ନିକଟରୁ ଏକ ଚୋରି ମୋବାଇଲ, କଣ୍ଟେଇ, ରସ ଡ଼େକଚି, କଡେଇ ଓ ଲୁହା ଗ୍ରୀଲ ଜବତ ହୋଇଛି। ଏ ସବୁ ଜିନିଷ ବୁଗୁଡ଼ା ସୀମାଞ୍ଚଳ ମାର୍ଗର ପଦ୍ମଚରଣ ଦାଶଙ୍କ ଘରୁ ଚୋରି କରିଥିବା ବେଳେ ଏନେଇ ୭୯୧/୨୨ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରକାଶଯୋଗ୍ୟ ଯେ, ପ୍ରଭାକର ବିଭିନ୍ନ ସ୍ଥାନରୁ ଚୋରି କରିବା ଅଭିଯୋଗରେ ବହୁବାର ଜେଲ ଯାଇଥିବା ବେଳେ ଗତବର୍ଷ ଜୁଲାଇ ୧୧ ତାରିଖରେ ବୁଗୁଡ଼ା ସୀମାଞ୍ଚଳ ମାର୍ଗରେ ରହୁଥିବା ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀଙ୍କ ସ୍ତ୍ରୀ ସକାଳ ସମୟରେ ଫୁଲ ତୋଳୁଥିବା ବେଳେ ତାଙ୍କ ବେକରୁ ସୁନା ଚେନ ଝାମ୍ପି ନେବା ଘଟଣାରେ ଜେଲ ଯାଇ ଏବେ କିଛିଦିନ ହେଲା ଜାମିନରେ ଆସିଥିଲେ।

## ଦୀପକ ସ୍ମାରକୀ କ୍ରିକେଟ, ଶେରଗଡ଼ ବିଜୟୀ

ହିଞ୍ଜିଳିକାଟୁ, ୩।୧(ଡି.ଏନ.ଏ): ହିଞ୍ଜିଳିକାଟୁ ମିନି ଷ୍ଟାଡିୟମ ପରିସରରେ ଇଗଲ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ଦୀପକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମହାଲକ୍ଷ୍ମୀ କ୍ରିକେଟ କ୍ଲବ, ଶେରଗଡ଼ ନର୍ମଦେଶ୍ୱର କ୍ଲବ ନଳବଣ୍ଟାକୁ ୪ ୱିକେଟରେ ପରାସ୍ତ କରିଛି। ନଳବଣ୍ଟା ଦଳ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ ବିନିମୟରେ ୧୫୪ ରନ ସଂଗ୍ରହ କରିଥିଲା। ଜବାବରେ ଶେରଗଡ଼ ଦଳ ୧୫.୩ ଓଭରରେ ୬ଟି ୱିକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ। ବିଜୟୀ ଦଳ ପକ୍ଷରୁ କାଳିଆ 'ମ୍ୟାନ ଅଫ ଦି ମ୍ୟାଚ' ବିବେଚିତ ହୋଇଥିଲେ। ହିଞ୍ଜିଳିକାଟୁ ପୌରାଧକ୍ଷ ସୁବାସ ଚନ୍ଦ୍ର ପଲେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପୌର ଉପାଧକ୍ଷା ସୁଚିତ୍ରା ପଣ୍ଡା, ତହସିଲଦାର ପ୍ରଭାତ କୁମାର ପରିଡା, ବିଡିଓ ସୁବ୍ରତ କୁମାର ଜେନା, କାଉନସିଲର ବିଳାସ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କ୍ଲବ ସଭାପତି ସଞ୍ଜୟ ପଣ୍ଡା ସଂଯୋଜନା କରିଥିଲେ। ଅମ୍ପାୟାର ଭାବେ ବାବୁ ପଣ୍ଡା ଓ ରଜତ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ସୀମାଞ୍ଚଳ ପାଣିଗ୍ରାହୀ, ଉମା ମହାରଣା, ସାଗର ବେହେରା, ସଚିନ ସେଠି, ସୁରୁଜ ସୁବୁଦ୍ଧି, ସୁନିଲ ପାଠି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଜବରଦଖଲ ଉଚ୍ଛେଦ କଲେ ତହସିଲଦାର

**ଫୁଲବାଣୀ ଅଫିସ, ୩।୧**

କନ୍ଧମାଳ ଜିଲା ଫୁଲବାଣୀ ସହରରେ ଜମି ମାଫିଆମାନେ ସରକାରୀ ଜାଗାକୁ ଜବରଦଖଲ କରି ବିକ୍ରି କରୁଛନ୍ତି । ବିଗତ ଦିନରେ ଅନେକ ଜଙ୍ଗଲ ଜମିରୁ ଗଛ କାଟି ବିକ୍ରି କରି ଦିଆଯାଇଛି । କିଛିଦିନ ହେବ ସହରର ନାରାୟଣୀ ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା ସରକାରୀ ଜମିକୁ ଜବରଦଖଲ କରି ବିକ୍ରି ଲାଗି ମସୁଧା ଚାଲିଥିଲା । ଏହି ଜମିରେ ପିଲର ନିର୍ମାଣ ପାଇଁ ପ୍ରସ୍ତୁତି ସରିଥିଲା। ଜମିକୁ ପ୍ରାୟ ୫୦ ଲକ୍ଷ ଟଙ୍କାରେ ବିକ୍ରି କରିବାକୁ ଯୋଜନା ଚାଲିଥିବା ବେଳେ ଫୁଲବାଣୀ ତହସିଲଦାର ତାହାକୁ ପଣ୍ଡ କରିଛନ୍ତି। ମଙ୍ଗଳବାର ତହସିଲଦାର ଦୀନମଣି ନାୟକଙ୍କ ଉପସ୍ଥିତିରେ ଜେସିବି



ଜବରଦଖଲ ଉଚ୍ଛେଦ କରାଯାଉଛି।

ସାହାଯ୍ୟରେ ସେଠାରୁ ଜବରଦଖଲ ଉଚ୍ଛେଦ କରାଯିବା ସହ ତାହା ସରକାରୀ ଜମି ବୋଲି ବୋର୍ଡ ମରାଯାଇଛି।

କେତେଜଣ ଜମି ମାଫିଆ ସରକାରୀ ଜମିକୁ ଜବରଦଖଲ କରି ବିକ୍ରି କରି ମାଲାମାଲ ହେଉଥିବା ବେଳେ ଆଉ କିଛି ବ୍ୟକ୍ତି ସରକାରୀ ଜାଗାରେ କୋଠାବାଡ଼ି, ମାର୍କେଟ କମ୍ପ୍ଲେକ୍ସ ଆଦି ନିର୍ମାଣ କରି ଭଡା ଆଦାୟ କରୁଛନ୍ତି। ଏ ନେଇ ତହସିଲଦାରଙ୍କ ପାଖରେ ଅଭିଯୋଗ ହୋଇ ଆସୁଥିଲା। ବିଳମ୍ବରେ ହେଉ ପଛେ ତହସିଲଦାର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତ। ଫୁଲବାଣୀ ୮ ନଂ ୱାର୍ଡର ଗ୍ୟାସ ଗୋଦାମ ସମ୍ମୁଖ ଜାତୀୟ ରାଜପଥ (ନାରାୟଣୀ ରୋଡ) ରାସ୍ତାକଡ ଜମିକୁ ମାଫିଆ ଜବରଦଖଲ କରିଥିଲେ। ତହସିଲଦାର ତାହାକୁ ମୁକ୍ତ କରି ସେହି ଜାଗାର ସୀମା ନିର୍ଦ୍ଧାରଣ ପରେ ପାଚେରୀ ବୁଲାଇଛନ୍ତି । ସହରରେ ଜବରଦଖଲକୁ ପ୍ରଶୟ ଦିଆଯିବ ନାହିଁ । ଉଚ୍ଛେଦ କାର୍ଯ୍ୟ ଚାଲୁରହିବ ବୋଲି ତହସିଲଦାର ନାୟକ ସୂଚନା ଦେଇଛନ୍ତି। ତହସିଲଦାରଙ୍କ ଜବରଦଖଲ ଉଚ୍ଛେଦ କାର୍ଯ୍ୟକୁ ବିଭିନ୍ନ ସଂଗଠନ ସ୍ୱାଗତ କରିଛନ୍ତି ।

# ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୩।୧(ଡି.ଏନ.ଏ.)**

ଦିଗପହଣ୍ଡି ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପୋଲିସ ଦିଗପହଣ୍ଡି ପନ୍ଦରା ସାହିର ରାମକୃଷ୍ଣ ପଣ୍ଡା ଓରଫ ଲୁଲୁଙ୍କୁ ଗିରଫ କରି ମଙ୍ଗଳବାର ବ୍ରହ୍ମପୁର ପୋକ୍‌ସୋ କୋର୍ଟ ଚାଲାଣ କରିଛି । ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି ।

ସୋମବାର ସନ୍ଧ୍ୟାରେ ଛାତ୍ରୀ ଜଣକ ଟ୍ୟୁଶନରୁ ଫେରୁଥିବା ବେଳେ ଲୁଲୁ ତାଙ୍କୁ ସାଙ୍ଗରେ ଯିବାକୁ କହିଥିଲେ। ଛାତ୍ରୀ ଜଣକ ପ୍ରତିବାଦ କରିବାରୁ ତାଙ୍କୁ ରାସ୍ତା ଉପରେ ଟଣାଓଟରା କରିବା ସହ ଗାଳିଗୁଲଜ କରିଥିଲେ। ଛାତ୍ରୀ ଜଣକ ପାଟି କରିବାରୁ ରାସ୍ତାରେ ଯାଉଥିବା ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ କାବୁ କରି ନିସ୍ଥୁକ ମାଡ଼ମାରି ରଶିରେ ହାତ ବାନ୍ଧି ଦେଇଥିଲେ। ଖବରପାଇ ପୋଲିସ ସେଠାକୁ ଆସି ଅଭିଯୁକ୍ତ ଲୁଲୁଙ୍କୁ ଥାନାକୁ ଉଠାଇ ନେଇଥିଲା। ଏନେଇ ଏତଲା ହେବା ପରେ ପୋଲିସ ନଂ.୩/୨୩ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଗଞ୍ଜାମ ସଫଳ



ଜିଲାପାଳଙ୍କ ସହ କୃତୀ ପ୍ରତିଯୋଗୀମାନେ ।

**ଛତ୍ରପୁର,୩।୧(ଡି.ଏନ୍.ଏ.)**

କୋଲକତାସ୍ଥିତ ଶ୍ରୀବିଶୁଦ୍ଧାନନ୍ଦ ସରସ୍ୱତୀ ବିଦ୍ୟାଳୟଠାରେ ଗତ ୨୭ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ଗଞ୍ଜାମ ଜିଲାକୁ ଅନେକ ସଫଳତା ମିଳିଛି । ଗଞ୍ଜାମ ଜିଲାରୁ କୋଚ ଇ. ଲଳିତ କୁମାର ଏବଂ ବିକାଶ ଗୌଡ଼ଙ୍କ ସହ ୨୧ ଜଣ ପ୍ରତିଯୋଗୀ ଉକ୍ତ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେଥିରେ ଛତ୍ରପୁର କେ.ଏମ.ପି. ସ୍ପୋର୍ଟସ ଏକାଡେମୀରୁ ୧୦ଜଣ ଥିଲେ। ଏହି ୧୦ ଜଣଙ୍କ ମଧ୍ୟରୁ କ୍ୟୁରୋଗୀ ବର୍ଗରେ ରୁନ୍ମୀ ବେହେରା, ଲିଜା ଦାଶ, ଦି. ପ୍ରେମପ୍ରସାଦ ରେଡ୍ଡୀ, ସୁଦୀପ୍ତ କୁମାର ସାହୁ, ଶୁଭଙ୍କର ଚୌଧୁରୀ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ସନ୍ଦିପନୀ ପାତ୍ର, ପ୍ରମୁଣା ପ୍ରିୟଞ୍ଜଳି ପଡ଼ିଆରୀ, ସୁଧୀକ୍ଷ୍ୟା ପାଣିଗ୍ରାହୀ, ଆୟୁଷ୍ମାନ ସ୍ୱାଇଁ ରୌପ୍ୟ ପଦକ ଏବଂ ରାଜା ଦାଶ କାଂସ୍ୟ ପଦକ ହାସଲ କରିଛନ୍ତି। ସେହିପରି ପୁମ୍ସି ବର୍ଗରେ ସୁଦୀପ୍ତ କୁମାର ସାହୁ, ରୁନ୍ମୀ ବେହେରା ସ୍ୱର୍ଣ୍ଣ, ସୁଧୀକ୍ଷ୍ୟା ପାଣିଗ୍ରାହୀ ରୋପ୍ୟ, ପ୍ରମୁଣା ପ୍ରିୟଞ୍ଜଳି ପଡ଼ିଆରୀ କାଂସ୍ୟ ପଦକ ପାଇଛନ୍ତି। ଅନ୍ୟପକ୍ଷରେ ମାଧପୁରସ୍ଥିତ ଗଞ୍ଜାମ ଟାଏକୋଣ୍ଡୋ ଏକାଡେମୀରୁ କ୍ୱିରୋଗୀ ବର୍ଗରେ ୪ ଜଣ ଖେଳାଳି ଭାଗ ନେଇଥିଲେ। ସେଥିମଧ୍ୟରୁ ଟି. କାର୍ତ୍ତିକ ରେଡ୍ଡୀ, ଏସ. ଚେନେୟା ରେଡ୍ଡୀ ଓ ନାରାୟଣ ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଏସ. ଶୁଭମ ରେଡ୍ଡୀ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଖେଳାଳିମାନଙ୍କୁ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଭାପତି ଶ୍ରୀକାନ୍ତ ମହାନ୍ତି ଓ ସମ୍ପାଦକ କେ.ମନୋଜ ପ୍ରଧାନ ଏବଂ ଅନିତା ମିଶ୍ର, ସି.ଏଚ. ପ୍ରସାଦ ନାୟକ ଏବଂ ଜିଲାର ଅନେକସ୍ତରରୁ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଯାଇଛି।

# ନକଲି ସୁନା ଦେଇ ଠକିନେଲେ ୩ ଲକ୍ଷ

**ଛତ୍ରପୁର,୩।୧(ଡି.ଏନ.ଏ.)**

ଛତ୍ରପୁର ଥାନା ଅଧୀନ ଶାନ୍ତିନଗରରେ ଏକ ଦମ୍ପତି ସୁନାକିଣି ଠକାମିର ଶିକାର ହୋଇଛନ୍ତି। ଶାନ୍ତିନଗରର ବିଜୟ କୁମାର ସାମନ୍ତରା ଓ ତାଙ୍କ ସ୍ତ୍ରୀ ରିନା ନକଲି ସୁନା କିଣି ୩ ଏକ୍ଷ ଟଙ୍କା ହରାଇବା ପରେ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

ଶାନ୍ତିନଗର ଅଞ୍ଚଳକୁ ଗତ୧୫ ଦିନ ହେଲା ଜଣେ ବ୍ୟକ୍ତି ସାଇକେଲରେ ପରିବା ଧରି ବିକ୍ରି ପାଇଁ ଆସୁଥିଲେ। ଗତ ସୋମବାର ସେ ଏବଂ ଅନ୍ୟ ଜଣେ ବ୍ୟକ୍ତି ଆସି ରିନାଙ୍କୁ ଭେଟିଥିଲେ। ଉଭୟେ ହିନ୍ଦୀ ଓ ବଙ୍ଗଳାରେ କଥା ହେଉଥିଲେ। ଘର କାମ କରିବା ସମୟରେ ଏକ ସୁନାଖଣ୍ଡ ମିଳିଛି, ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ସେମାନେ ଏହାକୁ ୩ ଲକ୍ଷରେ ବିକ୍ରି କରିଦେବେ ବୋଲି ରୀନାଙ୍କୁ କହିଥିଲେ। ଏହା ଅସଲି ସୁନା ବୋଲି ଅଜଣା ବ୍ୟକ୍ତି ଜଣକ ବିଶ୍ୱାସ କରାଇବାରୁ ରୀନ ଓ ତାଙ୍କ ସ୍ୱାମୀ ଲୋଭରେ ଟଙ୍କା ଯୋଗାଡ କରିବାରେ ଲାଗି ପଡିଥିଲେ। ଘର ସମ୍ମୁଖରେ ଏହାକୁ କିଣାବିକା ନ କରି ଦମ୍ପତି ଓ ଠକଦ୍ୱୟ ଛତ୍ରପୁର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବିଶ୍ରାମ ଗୃହକୁ ଯାଇ ଟଙ୍କା ଓ ସୁନା ଦିଆନିଆ କରିଥିଲେ। ପରେ ଟଙ୍କା ଧରି ଠକଦ୍ୱୟ ସେଠାରୁ ଚମ୍ପଟ ମାରିଥିଲେ। ଏପଟେ ଦମ୍ପତି କିଣିଥିବା ସୁନାକୁ ଯାଞ୍ଚ କରିବାରୁ ତାହା ନକଲି ଜଣାପଡିଥିଲା। ରୀନା ମଙ୍ଗଳବାର ଏ ସମ୍ପର୍କରେ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ନଂ.୬/୨୩ ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ରିନାଙ୍କ ଘରେ ନିକଟରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରାଯାଇଛି । ଏ ଯାବତ ପୋଲିସ ଠକଦ୍ୱୟଙ୍କ ଟେର ପାଇନାହିଁ । ବିଜୟ ଜଣେ ବ୍ୟବସାୟୀ। ସେ ବାହାରେ ରହୁଥିଲେ। କିଛି ଦିନ ହେବ ଘରକୁ ଆସିଥିବା ସୂଚନା ମିଳିଛି ।

# ହକି ଚିତ୍ର ଆଙ୍କିଲେ ତହସିଲଦାର



ଚିତ୍ର ଅଙ୍କନରେ ନିମଗ୍ନ ତହସିଲଦାର ।

**ଗଞ୍ଜାମ,୩।୧(ଡି.ଏନ.ଏ.)**

ଆଉ ମାତ୍ର ୯ ଦିନ ପରେ ଓଡିଶାରେ ବିଶ୍ୱକପ ହକି ଆୟୋଜିତ ହେବ। ତାର ପ୍ରଚାର ପ୍ରସାର ପାଇଁ ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ ଅଭିନବ ପ୍ରୟାସ କରିଛନ୍ତି। ସେ ଗଞ୍ଜାମ ସହରସ୍ଥିତ ଦାମୋଦରପୁର ଗ୍ରାମ ନିକଟସ୍ଥ ପୁରୁଣା ୫ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏକ ମହିଳା ହକି ଖେଳାଳିଙ୍କ ଆକର୍ଷଣୀୟ ଚିତ୍ର ନିଜ ହାତରେ ଆଙ୍କି ରଙ୍ଗ ଦେଇଥିବା ଦେଖିବାକୁ ମିଳିଛି, ଯାହା ଉକ୍ତ ରାସ୍ତାରେ ଯାଉଥିବା ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି।

## ଷଣ୍ଢମୂଳରେ ଧାନ ମଣ୍ଡି ଶୁଭାରମ୍ଭ

**ବେଗୁନିଆପଡ଼ା,୩।୧**

ଗଞ୍ଜାମ ଜିଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଷଣ୍ଢମୂଳ ପଞ୍ଚାୟତସ୍ଥିତ ପ୍ରାଥମିକ ସେବା ସମବାୟ ସମିତିରେ ମଙ୍ଗଳବାର ସେବା ସମବାୟ ସମିତି ସଭାପତି ରବିନାରାୟଣ ପଣ୍ଡା ଏବଂ ପରିଚାଳନା ନିର୍ଦ୍ଦେଶକ ରଙ୍କନାଥ ସ୍ୱାଇଁଙ୍କ ଉପସ୍ଥିତିରେ ଅନୌପଚାରିକ ଭାବେ ଧାନ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ସରକାରୀ ଅଧିକାରୀ ଏବଂ ଜନପ୍ରତିନିଧିଙ୍କ ଉପସ୍ଥିତିରେ ଧାନ ମଣ୍ଡି ଶୁଭାରମ୍ଭର କାର୍ଯ୍ୟକ୍ରମ ଥିଲା। ତେବେ ସେମାନେ ଆସିବାରେ ଅହେତୁକ ବିଳମ୍ବ ହେତୁ ଅନୌପଚାରିକ ଭାବେ ପଣ୍ଡା ଏବଂ ସ୍ୱାଇଁ ଧାନ ମଣ୍ଡିର ଶୁଭାରମ୍ଭ କରିଥିଲେ। ଚାଷୀମାନଙ୍କ ଉପସ୍ଥିତି ସହିତ ସେବା ସମବାୟ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିବା ବେଳେ ମଣ୍ଡି ଶୁଭାରମ୍ଭ ପାଇଁ କୌଣସି ପୂଜାର୍ଚ୍ଚନା ଏବଂ ଫିତା କଟା କାର୍ଯ୍ୟକ୍ରମ ହୋଇନଥିଲା।

# ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳିତ




ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥି ।

**ଭଞ୍ଜନଗର,୩।୧(ଡି.ଏନ.ଏ)**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ସୋମବାର ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି । ଏଥିଲାଗି ଆୟୋଜିତ ସଭାରେ କଲେଜ ଅଧକ୍ଷ ରାଜେନ୍ଦ୍ର ଦାସ ସଭାପତିତ୍ୱ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧାପକ ସାତ୍ୟକୀ ସାହୁ, ଷ୍ଟାଫ୍ କାଉନସିଲ ସମ୍ପାଦିକା ପ୍ରାଧାପିକା ଆରତିବାଳା ପ୍ରଧାନ, ଶୈକ୍ଷିକ ପରିଷଦ ଅଧିକାରୀ ପ୍ରାଧାପକ ବିଭାସ ଦାସ, ଅଧାପକ ହରିଶ ଭଞ୍ଜର, ହରମୋହନ ନାୟକ, ଅମିୟ ରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ବିଶ୍ୱବିଦ୍ୟାଳୟ ଇତିହାସ ସମ୍ପର୍କରେ କହିଥିଲେ। ଏହାପୂର୍ବରୁ ବିଡ଼ିପୁରସ୍ଥିତ ତେନ୍ତୁଳିଆଶାସନ ଦେବସ୍ଥାନ ମହାବିଦ୍ୟାଳୟରୁ ପଦୋନ୍ନତି ପାଇ କେଏସ୍‌ୟୁବି କଲେଜକୁ ଆସିଥିବା ମୁଖ୍ୟ କିରାଣି ଦାମୋଦର ରଥଙ୍କୁ କର୍ମଚାରୀ ଏବଂ ଅଧାପିକା, ଅଧାପକମାନେ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ସମସ୍ତଙ୍କ ସହଯୋଗରେ କଲେଜକୁ ଆଗକୁ ନେବା ବୋଲି ରଥ କହିଥିଲେ ।

## ଚିନିଶିଳ୍ପ ବଏଲର୍‌ରେ ଅଗ୍ନି ସଂଯୋଗ

**ଆସିକା,୩।୧(ଡି.ଏନ୍.ଏ.)**

ଆସିକା ସମବାୟ ଚିନିଶିଳ୍ପରେ ଚଳିତବର୍ଷର ଆଖୁପେଡ଼ା ଲାଗି ମଙ୍ଗଳବାର ବଏଲରରେ ଅଗ୍ନି ସଂଯୋଗ କରାଯାଇଥିଲା । ଚିନିଶିଳ୍ପ ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର କୁମାର ପଣ୍ଡା, ସଂପାଦକ ଚନ୍ଦ୍ରଶେଖର ରେଡ୍ଡୀ, ଆଖୁ ପରିଚାଳକ ପ୍ରଶାନ୍ତ କୁମାର ପାଢୀ ଏବଂ ପରିଚାଳନା ପରିଷଦର ସଦସ୍ୟଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇ ବଏଲରରେ ଅଗ୍ନି ସଂଯୋଗ କରାଯାଇଥିଲା। ଅଗ୍ନି ସଂଯୋଗର ୭ରୁ ୧୦ ଦିନ ମଧ୍ୟରେ ଆଖୁପେଡ଼ା ଆରମ୍ଭ କରାଯିବ ବୋଲି ଚିନିଶିଳ୍ପର ସଭାପତି ପଣ୍ଡା ସୂଚନା ଦେଇଛନ୍ତି। ଅପରପକ୍ଷେ ଚଳିତ ବର୍ଷର ଆଖୁ ଦର ନିର୍ଦ୍ଧାରଣରେ ଆଖୁଚାଷିଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ କରି ଚିନିଶିଳ୍ପ ୨ ନମ୍ବର ଜୋନର ନିର୍ଦ୍ଦେଶକ ତଥା ଗଞ୍ଜାମ ଜିଲା ଆଖୁଚାଷୀ ସଂଘର ସଂପାଦକ ପୂର୍ଣ୍ଣ ବରାଡ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିବା ଜଣାପଡିଛି । ଟନ ପ୍ରତି ୩ ହଜାର ୫ଶହ ଟଙ୍କା ଦେବା ଲାଗି ଆଖୁଚାଷୀଙ୍କ ପକ୍ଷରୁ ବରାଡ ପରିଚାଳନାବର୍ଗ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ଚିନିଶିଳ୍ପର ସଭାପତି ପଣ୍ଡାଙ୍କୁ ପଚାରିବାରେ ଗତ ବର୍ଷ ଏହି କାରଖାନା ଆଖୁ ଟନ ପ୍ରତି ୨ ହଜାର ୯ଶହ ୮୦ ଟଙ୍କା ଚାଷିଙ୍କୁ ଦେଇଥିଲା ବେଳେ ଚଳିତ ବର୍ଷ ଏହାକୁ ବୃଦ୍ଧି କରି ୩ହଜାର ୮୦ ଟଙ୍କା କରାଯାଇଛି। ଦର ନିର୍ଦ୍ଧାରଣ ପୂର୍ବରୁ ୨ଥର ସେ ଆଖୁଚାଷୀଙ୍କ ସହ ଆଲୋଚନା କରିଥିଲା ବେଳେ ଅଣଆନୁଷ୍ଠାନିକ ଭାବେ ଆଖୁଚାଷୀ ସଂଘର ସଭାପତିଙ୍କ ସହ ଆଲୋଚନା କରି ଦର ନିର୍ଦ୍ଧାରଣ କରିଥିବା ପ୍ରକାଶ କରିଛନ୍ତି।

## ସିଡିପିଓଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବୁଗୁଡା,୩।୧(ଡି.ଏନ.ଏ.)**

ବୁଗୁଡା ଆଇସିଡିଏସ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ସିଡିପିଓ ରଞ୍ଜିତା ତ୍ରିପାଠୀଙ୍କ ଅବସର ଗ୍ରହଣ ପରିପ୍ରେକ୍ଷୀରେ ତାଙ୍କୁ କାର୍ଯ୍ୟାଳୟର କର୍ମଚାରୀ ଓ ଅଞ୍ଚଳ ପରିଦର୍ଶିକାଙ୍କ ପକ୍ଷରୁ ସୋମବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିସହ ପୋଲସରା ବ୍ଲକର ସିଡିପିଓ କୁନ୍ତଳା କୁମାରୀ ନାୟକ ବୁଗୁଡାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିଲା ବେଳେ ତାଙ୍କୁ ମଧ କାର୍ଯ୍ୟାଳୟ କର୍ମଚାରୀ, ଅଞ୍ଚଳ ପରିଦର୍ଶିକା ଏବଂ ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ନୂତନ ସିଡିପିଓ ନାୟକ ଦୀର୍ଘଦିନ ଧରି ଧାରଣାରତ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଗଣଙ୍କୁ ଧାରଣା ପ୍ରତ୍ୟାହୃତ କରି କାର୍ଯ୍ୟରେ ଯୋଗଦେବା ପାଇଁ ପରାମର୍ଶ ଦେଇଥିଲେ।

# ଭାବୀ ସ୍ତ୍ରୀଙ୍କ ଘରକୁ ଆସି ଯୁବକଙ୍କ ମୃତ୍ୟୁ ଘଟଣା
# ରହସ୍ୟ ଉନ୍ମୋଚନ ପାଇଁ ପରିବାର ଥାନାର ଦ୍ୱାରସ୍ଥ

**ଗୋପାଳପୁର,୩।୧(ଡି.ଏନ.ଏ.)**

ପୁଅର ଆକସ୍ମିକ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକେ। ଏନେଇ ତଦନ୍ତ କରି ମୃତ୍ୟୁର ରହସ୍ୟ ଉନ୍ମୋଚନ କରିବା ପାଇଁ ମଙ୍ଗଳବାର ଗୋଳନ୍ଥରା ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି। ସୂଚନାନୁସାରେ ସମ୍ବଲପୁର ବୁର୍ଲା ଅଞ୍ଚଳର କମଲ ବାହାଦୁର (୨୮)ଙ୍କ ସହିତ ଗୋଳନ୍ଥରା ଥାନାଞ୍ଚଳ ଘାଟିକାଲୁଆ ଅଞ୍ଚଳରେ ଥିବା ଜନୈକା ଯୁବତୀଙ୍କ ସହିତ ନିର୍ବନ୍ଧ ହୋଇ ବିବାହ ଠିକ ହୋଇଥିଲା। ବିଭିନ୍ନ ସମୟରେ ଯୁବତୀଙ୍କ ଘରକୁ କମଲ ଯିବା ଆସିବା କରୁଥିଲେ। ଗତ ୨୪ ତାରିଖରେ କମଲ ଘାଟି କାଲୁଆ ଆସିଥିଲେ। ଗତ ରବିବାର କମଲଙ୍କ ଜନ୍ମଦିନ ଯୁବତୀଙ୍କ ଘରେ ପାଳନ କରିଥିଲେ। ସୋମବାର ପୂର୍ବାହ୍ନ ୧୦ଟା ସମୟରେ କମଲ ଓ ତିନିଜଣ ମିଶି ନିକଟରେ ଥିବା ପଥର ଖାଦାନରେ ଜମା ହୋଇଥିବା ପାଣିରେ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ କମଲ ପହଁରି ଯାଉଥିବା ବେଳେ ମଝିରେ ରହିଯାଇଥିଲେ। ତାଙ୍କ ସହ ଯାଇଥିବା ଲୋକ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର କମଲଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କମଲଙ୍କ ପରିବାର ଲୋକଙ୍କୁ ଜଣାଇବା ପରେ ଉକ୍ତ ଘଟଣାକୁ ନେଇ ପରିବାର ସଦସ୍ୟ ସହଜରେ ଗ୍ରହଣ କରିପାରୁନାହାନ୍ତି। ମଙ୍ଗଳବାର କମଲଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଅନ୍ୟପଟେ କମଲଙ୍କ ମୃତ୍ୟୁ କିଭଳି ଓ କେଉଁ ପରିସ୍ଥିତିରେ ଘଟିଛି ତାହାର ତଦନ୍ତ ପାଇଁ ଗୋଳନ୍ଥରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେଶ ନଂ ୧/୨୩ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏନେଇ ଥାନାଧିକାରୀ ବିବେକାନନ୍ଦଙ୍କ ସହ ଯୋଗାଯୋଗ ବେଳେ ତଦନ୍ତ ଚାଲିଛି ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ଏବଂ ଏହି ଘଟଣାରେ ଯେଉଁମାନେ ଉପସ୍ଥିତ ଥିଲେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି କହିଛନ୍ତି। ସୂଚନାଥାଉକି, କମଲ ସମ୍ବଲପୁର ଜିଲା ତରଫରୁ କଳାହାଣ୍ଡି କ୍ରିକେଟ୍ କପ୍ ଖେଳି ସୁନାମ ଅର୍ଜନ କରିଥିଲେ। କମଲ ପରିବାରର ଏକମାତ୍ର ପୁତ୍ର ଥିଲେ।

# ବାଇକ୍ ଚୋରି ରାକେଟ୍‌ର ମାଷ୍ଟରମାଇଣ୍ଡ ଗିରଫ

**ବୁଗୁଡ଼ା,୩।୧(ଡି.ଏନ.ଏ.)**

ବାଇକ ଚୋରି ରାକେଟ୍‌ର ମାଷ୍ଟରମାଇଣ୍ଡଙ୍କୁ ପୋଲିସ ଗିରଫ କରିବା ସହ ୩ ଚୋରି ବାଇକକୁ ଜବତ କରିଛି। ଗିରଫ ଯୁବକ ହେଲେ ନୟାଗଡ ଜିଲା ଓଡ଼ଗାଁ ଥାନା ଅନ୍ତର୍ଗତ ନାଣ୍ଡିଗିରି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜାନି(୨୫)। ବୁଗୁଡ଼ା ପୋଲିସ ଏସ୍‌ଆଇ ସମୀର କୁମାର ସେଠୀଙ୍କ ନେତୃତ୍ୱରେ ସୋମବାର ସନ୍ଧ୍ୟାରେ କରଚୁଲିଠାରେ ହେଲମେଟ ଯାଞ୍ଚ ଚାଲିଥିବା ବେଳେ ପୂର୍ଣ୍ଣ ଏକ ନମ୍ବରବିହୀନ ନାଲି ରଙ୍ଗର ଆପାଚିରେ ଯାଉଥିବା ଦେଖି ପୋଲିସ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ତେବେ ସେ ନ ଅଟକି ଦ୍ରୁତ ଗତିରେ ପଳାଇବାରେ ପୋଲିସ ତାଙ୍କୁ ପିଛା କରି କରସିଂ ଠାରେ ଧରି ଯାଞ୍ଚ କଲା ବେଳେ ଏହା ଚୋରି ବାଇକ ବୋଲି ଜଣାପଡିଥିଲା। ପୋଲିସ ପୂର୍ଣ୍ଣଙ୍କୁ ଥାନାକୁ ଆଣି ପଚରା ଉଚରା କରିବା



ଜବତ ୩ ବାଇକ୍ ସହ ଅଭିଯୁକ୍ତ।

ପରେ ସେ ବାଇକ ଚୋରି କରୁଥିବା ସ୍ୱୀକାର କରିବା ସହ ଆଉ ଦୁଇଟି ଚୋରା ବାଇକ ଘରେ ରଖିଥିବା କହିଥିଲା। ପୋଲିସ ପୂର୍ଣ୍ଣଙ୍କ ଘରୁ ୨ଟି ହୋଣ୍ଡା ସାଇନ ବାଇକ ଜବତ କରିଛି। ଉକ୍ତ ବାଇକ ରାକେଟରେ ନୟାଗଡ଼ ଓ ଜଗନ୍ନାଥପ୍ରସାଦ ଅଞ୍ଚଳର ୨ ଜଣ ସମ୍ପୃକ୍ତ ଥିବାବେଳେ ଏମାନେ ବିଭିନ୍ନ ଅଞ୍ଚଳରୁ ବାଇକ ଚୋରି କରୁଥିବା ପୋଲିସ କହିଛି। ଏ ନେଇ କେଶ୍ ନଂ ୬/୨୩ରେ ଏକ ମାମଲା ରୁଜୁ କରି ପୂର୍ଣ୍ଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି।

## ସଂକ୍ଷେପରେ

### ପାର୍କିଂସ୍ଥଳରୁ ସ୍କୁଟି ଚୋରି

ଗୋପାଳପୁର,୩୧(ଡି.ଏନ୍.ଏ.)
ଗୋପାଳପୁର ବେଳାଭୂମି ନିକଟରେ ଥିବା ପାର୍କିଂସ୍ଥଳରୁ ଏକ ସ୍କୁଟି ଚୋରି ହୋଇଥିବା ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ ବ୍ରହ୍ମପୁର ମହାନଗର ଗେଟ୍‌ବଜାର ଅଞ୍ଚଳର ବି. ନଗମା ଓ ତାଙ୍କ ଭଉଣୀ ସ୍କୁଟି (ନଂ ଓଡ଼ି-୦୭-ଏଜେ-୩୪୨୭) ଯୋଗେ ସୋମବାର ସନ୍ଧ୍ୟାରେ ଗୋପାଳପୁର ବେଳାଭୂମି ଭ୍ରମଣରେ ବାହାରିଥିଲେ। ନିଜ ସ୍କୁଟିକୁ ଲାଇଟ୍‌ହାଉସ ନିକଟସ୍ଥ ପାର୍କିଂ ସ୍ଥଳରେ ରଖିବା ସହ ଟିକେଟ କାଟି ବେଳାଭୂମି ବୁଲିବାକୁ ଯାଇଥିଲେ। ଦୁଇଘଣ୍ଟା ପରେ ନଗମା ଓ ତାଙ୍କ ଭଉଣୀ ଫେରି ଉକ୍ତ ସ୍ଥାନରେ ଗାଡ଼ି ନଥିବା ଦେଖିଥିଲେ। ଖୋଜାଖୋଜି କରି ନ ପାଇବାରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଥାଉକି, ଗୋପାଳପୁର ଏନ୍‌ଏସି ପକ୍ଷରୁ ବେଳାଭୂମି ପାଖରେ ଥିବା ପାର୍କିଂ ସ୍ଥାନକୁ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଛି। ଗତ କିଛି ମାସହେଲା ପାର୍କିଂ ସ୍ଥଳରୁ ବାରମ୍ବାର ଚୋରି ହେଉଥିବା ନେଇ ଅଭିଯୋଗ ହେଉଛି।
ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ନିମନ୍ତେ ସାଧାରଣରେ ଦାବି ହୋଇଛି।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ କାର୍ଯ୍ୟକ୍ରମ

ଦିଗପହଣ୍ଡି,୩୧(ଡି.ଏନ.ଏ.)
ଦିଗପହଣ୍ଡି ସ୍ଥିତ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବିଶାଳ ସତସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୦୧ ତମ ଉତ୍କଳ ଆଗମନ ଉପଲକ୍ଷେ ଆୟୋଜିତ ସତସଙ୍ଗ କାର୍ଯ୍ୟକ୍ରମରେ ଧର୍ମଯାଜକ ରୋହିତ ସାମଲ ଅଧକ୍ଷତା କରିଥିଲେ। ଏସ.କ୍ରିଷ୍ଣାରାଓ ସତ୍ୟାନୁସରଣ ଗ୍ରନ୍ଥ ପାଠ କରିଥିଲେ। ରବି ନାରାୟଣ ରଣା ନାରୀଙ୍କ ନୀତି ସମ୍ପର୍କରେ ଆଲୋକପାତ କରିଥିଲେ। ସତସଙ୍ଗ ପୂର୍ବରୁ କୁରେଶୁ ଡାକୁଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ମାନବ ଜୀବନରେ ସଦଗୁରୁ ଗ୍ରହଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବି. ଦାଶରଥି, ସୁବାସ ରଣା, ସତ୍ୟ ରାଓଙ୍କ ସମେତ ବହୁ ସଂଖ୍ୟକ ଭକ୍ତ ସତସଙ୍ଗ ଭଜନ କୀର୍ତ୍ତନରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମରଣାନ୍ତକ ଆକ୍ରମଣ ମାମଲାରେ ୨ ଗିରଫ

ଜୟପୁର,୩୧(ନି.ପ୍ର.) ଏକ ମରଣାନ୍ତକ ଆକ୍ରମଣ ମାମଲାରେ ଟାଉନ ଥାନା ପୋଲିସ ମଙ୍ଗଳବାର ୨ ଜଣକୁ ଗିରଫ କରିଛି। ସେମାନେ ହେଲେ ଗୌରାଙ୍ଗ ହରିଜନ ଓ ଲବ ବୈରାଗୀ । ପୁରୁଣାଗଡ଼ର କାଳି ମିଶ୍ରଙ୍କୁ ଏହି ୨ ଜଣ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ଫଳରେ କାଳି ଗୁରୁତର ହୋଇଥିଲେ।
ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତକରି ଗୌରାଙ୍ଗ ଓ ଲବଙ୍କ ସମ୍ପୃକ୍ତି ଥିବା ଜାଣି ଉଭୟଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ସମ୍ବିତ ବେହେରା କହିଛନ୍ତି ।

### ଡାକ୍ତରଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ମୋବାଇଲ ଲୁଟ୍

**ଯୁବକ ଗିରଫ: ପ୍ଲାଷ୍ଟିକ ବନ୍ଧୁକ ଜବତ**

କୋରାପୁଟ, ୩୧(ସ୍ୱ.ପ୍ର.)
କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ପଶି ଜଣେ ଯୁବକ କାର୍ଯ୍ୟରତ ଡାକ୍ତରଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ତାଙ୍କ ନିକଟରୁ ମୋବାଇଲ ଫୋନ ଛଡାଇ ନେଇଥିବା ନେଇ ମଙ୍ଗଳବାର ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଏନେଇ ପୋଲିସ ୨/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି କୋରାପୁଟ ପୌରାଞ୍ଚଳର ଓଡିଆଗୁଡା ଗ୍ରାମର କରଣ କୁଲଦୀପଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତାଙ୍କଠାରୁ ଖେଳଣା ବନ୍ଧୁକ ଜବତ ହେଇଛି। ଖବରରୁ ଜଣାପଡିଛି, ସୋମବାର ରାତିରେ ହସ୍ପିଟାଲରେ ଟିବି ବିଭାଗର ଡାକ୍ତର ସୁଧାଂଶୁ ଶେଖର ରାଉତରାୟ କାର୍ଯ୍ୟରତ ଥିଲେ। ରାତି ୧୦ଟାରେ ହାଠାତ୍ ଜଣେ ଯୁବକ ତାଙ୍କ ନିକଟରେ ପହଞ୍ଚି ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ରୋଗୀମାନଙ୍କୁ ଭଲ ଭାବେ ଚିକିତ୍ସା କରୁ ନ ଥିବା ଅଭିଯୋଗ କରି ତାଙ୍କୁ ଗାଳିଗୁଲଜ କରିଥିଲେ। ତାଙ୍କଠାରୁ ମୋବାଇଲ ଫୋନ ଛଡାଇ ନେଇ ଚାଲିଯାଇଥିଲେ।
ଏନେଇ ଡାକ୍ତର ରାଉତରାୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ଯୁବକ କୁଲଦୀପଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି।

# ବିକାଶ ଅପେକ୍ଷାରେ ପିଲାସାଲୁଙ୍କି ଡ୍ୟାମ୍

## ନୂଆବର୍ଷରେ ପର୍ଯ୍ୟଟକଙ୍କ ଭିଡ଼

ବଲସକୁମ୍ପା, ୩୧ (ଡି.ଏନ୍.ଏ)

କନ୍ଧମାଳ ଜିଲା ଖଜୁରୀପଡ଼ା ବ୍ଲକ ଅଧୀନରେ ଥିବା ପିଲାସାଲୁଙ୍କି ଡ୍ୟାମ ଓ ପୁରୁଣାପାଣି ଡ୍ୟାମଠାରେ ନୂଆବର୍ଷ ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। କିଏ ବଣଭୋଜିର ତ ଆଉ କିଏ ଡ୍ୟାମ୍‌ରେ ଗାଧୋଇବା ସହିତ ମନୋରମ ପରିବେଶର ମଜା ନେଉଛନ୍ତି। ତେବେ ଏହି ଦୁଇ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ଆଜି ପର୍ଯ୍ୟନ୍ତ ପର୍ଯ୍ୟଟନ ବିଭାଗ କି ଜିଲା ପ୍ରଶାସନର ଦୃଷ୍ଟି ପଡ଼ିନାହିଁ। ପିଲାସାଲୁଙ୍କି ଡ୍ୟାମକୁ ଯିବା ପାଇଁ ଥିବା ରାସ୍ତାର ଅବସ୍ଥା ଦେଖିଲେ ଏହା ସ୍ପଷ୍ଟ ବାରି ହୋଇପଡ଼ିବ।

କନ୍ଧମାଳ ଜିଲାର ଏକ ପ୍ରମୁଖ ଜଳ ଭଣ୍ଡାର ହେଲା ପିଲାସାଲୁଙ୍କି ଡ୍ୟାମ। ଏହି ଡ୍ୟାମରୁ ଚାଷୀମାନଙ୍କ ଜମିକୁ ମଧ୍ୟ ଜଳ ଯୋଗାଯାଇଥାଏ। ଏଠାରେ ଅନାଦି କାଳରୁ ରହିଛି ପ୍ରସିଦ୍ଧ ମା’ ବରାଳ ଦେବୀଙ୍କ ମନ୍ଦିର ବଲସକୁମ୍ପା। ଯିଏ ବି ଫୁଲବାଣୀ ଆସନ୍ତି ମା’ ବରାଳ ଦେବୀଙ୍କ ଦର୍ଶନ କରିବା ସହିତ ପିଲାସାଲୁଙ୍କି ଏବଂ ପୁରୁଣାପାଣି ଡ୍ୟାମ ପରିଦର୍ଶନ କରନ୍ତି । ସେହିପରି ନୂଆବର୍ଷ ଆସିଲେ ଏଠାରେ ବଣଭୋଜିର ମଜା ନିଅନ୍ତି ପର୍ଯ୍ୟଟକ। କିନ୍ତୁ ପରିତାପର ବିଷୟ ଯେ, ଏହି ସ୍ଥାନର



ବିକାଶ ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଡ୍ୟାମ ନିକଟକୁ ଯିବା ପାଇଁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଖାଲ ଖମାରେ ଭର୍ତ୍ତି ହୋଇଥିବା ବେଳେ ରାସ୍ତାରେ ଜଙ୍ଗଲ ଭଳି ମାଡ଼ିରହିଛି ଅନାବନା ଗଛ। ଡ୍ୟାମ ନିକଟରେ ପାନୀୟ ଜଳର ବ୍ୟବସ୍ଥା ନାହିଁ। ଗୋଟିଏ ନଳକୂପ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସଫାସୁତୁରା ହେଉନଥିବାରୁ ଚାରିଆଡ଼େ ପ୍ଲାଷ୍ଟିକ ପ୍ଲେଟ, ଗ୍ଲାସ ଓ ଭଙ୍ଗା ମଦ ବୋତଲ ପଡ଼ିଛି। ଲାଇଟ୍ ବ୍ୟବସ୍ଥା ବି ନାହିଁ । ସୁରକ୍ଷା ବ୍ୟବସ୍ଥା ବି ଶୂନ। କହିବାକୁ ଗଲେ ପୂରା ଅବ୍ୟବସ୍ଥା ଘେରରେ ରହିଛି ପିଲାସାଲୁଙ୍କି ଡ୍ୟାମ। ୨୦୨୦ ନୂଆବର୍ଷରେ ବଣଭୋଜି କରିବାକୁ ଆସି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଥିଲା । ତେଣୁ ପର୍ଯ୍ୟଟନ ବିଭାଗ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଏହି ସ୍ଥାନର ବିକାଶ କଲେ ଆଗାମୀ ଦିନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଇବ ବୋଲି ମତପ୍ରକାଶ ପାଇଛି।

### ଠକେଇ ଅଭିଯୋଗରେ ଯୁବକ ଗିରଫ

ଚଣ୍ଡିଖୋଲ,୩୧(ଡି.ଏନ.ଏ.):
ଗଜପତି ଜିଲାର ଜଣେ ରାଜମିସ୍ତ୍ରୀଙ୍କୁ ୮୫ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ମଙ୍ଗଳବାର କାଶୀନଗର ପୋଲିସ ବଡ଼ଚଣା ଥାନା ଅନ୍ତର୍ଗତ ଜେମାଦେଇପୁର ଗ୍ରାମର ଅଭିଷେକ ବଳଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଅଭିଷେକ ଗଜପତି ଜିଲା କାଶୀନଗର ଥାନା ଅନ୍ତର୍ଗତ ଏପମାନ ଗୁଡା ଗ୍ରାମର ମିରତି ଶବରଙ୍କୁ ଫୋନ କରି ଏକ ମୋବାଇଲ କମ୍ପାନୀ ଅଧିକାରୀ ଭାବରେ ପରିଚୟ ଦେଇଥିଲେ। ମିରତିଙ୍କ ମୋବାଇଲ ନମ୍ବରରେ କମ୍ପାନୀ ପକ୍ଷରୁ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଉଠିଥିବା କହିଥିଲେ। ଏହି ପୁରସ୍କାର ରାଶି ପାଇବାକୁ ହେଲେ ୮୫ ହଜାର ଟଙ୍କା ଅର୍ଥ ପୈଠ କରିବାକୁ ପଡିବ ବୋଲି ଅଭିଷେକ ସୂଚନା ଦେଇଥିଲେ। ସେଥିପାଇଁ ଅଭିଷେକ ତାଙ୍କ ଆକାଉଣ୍ଟ ନମ୍ବର ଦେଇଥିଲେ। ଏହି ଖବର ଶୁଣି ମିରତି ଖୁସି ହୋଇ ୮୫ ହଜାର ଟଙ୍କା ଆକାଉଣ୍ଟକୁ ପଠାଇ ଦେଇଥିଲେ। ହେଲେ ଆଉ ପୁରସ୍କାର ରାଶି ନ ମିଳିବାରୁ ସେ ଠକାମିର ଶିକାର ହୋଇଥିବା ଜାଣି ପାରିଥିଲେ। ଏଥିନେଇ କାଶୀନଗର ଥାନାରେ ଏତଲା ଦେବା ପରେ ପୋଲିସ ବ୍ୟାଙ୍କ ଆକାଉଣ୍ଟ ଓ ମୋବାଇଲ ନମ୍ବର ଯାଞ୍ଚ କରିଥିଲା। ପରେ ଥାନା କେସ ନଂ.୧୦୮/୨୨ରେ କାଶୀନଗର ପୋଲିସ ଅଭିଷେକଙ୍କୁ ନେଇ ଯାଇଥିବା ବଡ଼ଚଣା ପୋଲିସ ସୂଚନା ଦେଇଛି।

# ହକି ସଚେତନତା କାର୍ଯ୍ୟକ୍ରମ

## ମହାମାୟୀ ମହିଳା ମହାବିଦ୍ୟାଳୟ



ମହାମାୟୀ ମହିଳା ମହାବିଦ୍ୟାଳୟରେ ରଙ୍ଗୋଲି ଦ୍ୱାରା ହକି ସଚେତନତା ବାର୍ତ୍ତା ।

ବ୍ରହ୍ମପୁର ଅଫିସ,୩୧

ଜାନୁୟାରୀ ୧୩ରୁ ବିଶ୍ୱକପ୍ ହକି ଆରମ୍ଭ ହେଉଥିବା ବେଳେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ହକିର ଲୋକପ୍ରିୟତା ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ସେହିପରି ଯୁବ ଗୋଷ୍ଠୀ ଓ ଛାତ୍ରଗୋଷ୍ଠୀଙ୍କ ମଧ୍ୟରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ସ୍କୁଲରେ ହକି ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି କ୍ରମରେ ବ୍ରହ୍ମପୁର ଗାନ୍ଧୀନଗରସ୍ଥିତ ମହାମାୟୀ ମହିଳା ମହାବିଦ୍ୟାଳୟରେ ଦୁଇଦିନିଆ ହକି ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସୋମବାର ମହାବିଦ୍ୟାଳୟ ପକ୍ଷରୁ ଅଧକ୍ଷ ଡ. ଏସ୍.ନାରାୟଣ ରାଓଙ୍କ ଅଧ୍ୟକ୍ଷତାରେ ଯୁକ୍ତ୨ ଓ ଯୁକ୍ତ୩ର ସମସ୍ତ ବିଭାଗର ପ୍ରାୟ ୨୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ହକି ସଚେତନତା ନିମନ୍ତେ ଏକ ଶୋଭାଯାତ୍ରାରେ ବାହାରି ଗାନ୍ଧୀନଗର ଭ୍ରମଣ କରିବା ସହ ହକି ସଚେତନତାର ବାର୍ତ୍ତା ଦେଇଥିଲେ। ସେହିପରି ମଙ୍ଗଳବାର ମହାବିଦ୍ୟାଳୟର ବିଜ୍ଞାନ, ବାଣିଜ୍ୟ ଓ କଳାର ସମସ୍ତ ୧୪ ବିଭାଗର ଛାତ୍ରୀମାନେ ରଙ୍ଗୋଲି ମାଧମରେ ବିଶ୍ୱକପ ହକିକୁ ସ୍ୱାଗତ ଜଣାଇବା ସହ ଭାରତର ଜାତୀୟ କ୍ରୀଡ଼ା ହକିକୁ ନେଇ ବହୁ ବାର୍ତ୍ତା ଦେଇଛନ୍ତି। ଏହି ଅବସରରେ ସମସ୍ତ ବିଭାଗୀୟ ଅଧ୍ୟାପିକା ଅଧ୍ୟାପକମାନେ ଉପସ୍ଥିତ ରହିଥିଲେ।

# ମିଳିତ ଜନ ଅଭିଯୋଗ ଶୁଣାଣି

ପାରଳାଖେମୁଣ୍ଡି,୩୧(ଡି.ଏନ.ଏ.)

ଗଜପତି ଜିଲା ସଦମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଲିଙ୍ଗରାଜ ପଣ୍ଡା, ଆରକ୍ଷୀ ଅଧିକ୍ଷକ ସ୍ୱାତୀ କେ. କୁମାର, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଡିଏସପି ରାଜକିଶୋର ଦାସ ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦେଇଥିଲେ। ଜନଶୁଣାଣିକୁ ପାରଳାଖେମୁଣ୍ଡି ପୌରପରିଷଦ, ରାଣୀପେଣ୍ଟ, ବାଘସଲା, ସିଧାମାଡଙ୍ଗ,



ଅଭିଯୋଗ ଶୁଣାଣି ଚାଲିଛି।

କେରାଣ୍ଡି ଓ କତଲକଇଠା ଗ୍ରାମ ପଞ୍ଚାୟତରୁ ସମୁଦାୟ ମୋଟ ୧୦୩ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୯୭ଟି ବ୍ୟକ୍ତିଗତ ଅଭିଯୋଗ, ୬ଟି ଗ୍ରାମଭିତ୍ତିକ ସମସ୍ୟା, ୫୧ଟି ଅଭିଯୋଗକୁ ତୁରନ୍ତ ଫୈସଲା କରାଯାଇ ସମାଧାନ କରାଯାଇଛି । ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଜଳସେଚନ, ଗୃହ ନିର୍ମାଣ, ରାଶନ କାର୍ଡ, ଏମଜିଏନ୍‌ଆର୍‌ଇଜିଏସ, ଶିକ୍ଷା, ରାସ୍ତା ସମସ୍ୟା ଅଭିଯୋଗ ଆସିଥିଲା । ଅଭିଯୋଗ ଶୁଣାଣିରେ ଆବେଦନର ତୁରନ୍ତ ଫଇସଲା କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରାଯିବ ବୋଲି ଜିଲାପାଳ କହିଛନ୍ତି । ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସମୟରେ ପିଏ.ଆଇଟିଡିଏ ଫାଲଗୁନି ମାଝୀ, ଡେପୁଟି କଲେକ୍ଟର ନଟବର ଗରଡା, ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ନର୍ମଦା ନାୟକ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ଜାତୀୟ ଦୁଃସାହସିକ କ୍ରୀଡ଼ାରେ କନ୍ଧମାଳରୁ ୬ ପ୍ରତିଯୋଗୀ

ଫୁଲବାଣୀ ଅଫିସ, ୩୧

ଉତ୍ତରାଖଣ୍ଡର ମସୁରୀଠାରେ ରାଜ୍ୟସ୍ତରୀୟ ଦୁଃସାହସିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ଗତ ୨୪ ତାରିଖରୁ ଆରମ୍ଭ ହୋଇ ୩୧ ତାରିଖରେ ଏହା ଉଦ୍‌ଯାପିତ ହୋଇଛି। ଓଡିଶାର ବିଭିନ୍ନ ପ୍ରାନ୍ତରୁ ୩୨ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ । ରକ୍ କ୍ଲାଇବିଂ, ରେପିଲିଙ୍ଗ, ଫ୍ଲାଇଂଫକ୍ସ, କମାଣ୍ଡ ଅବଷ୍ଟାକେଲ, ଟ୍ରେକିଂ କ୍ରୀଡା ଉପରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିଲା । କନିଷ୍ଠ ବର୍ଗରେ ଫୁଲବାଣୀର ପ୍ରୀତମ ପାତ୍ର, ଅୟନ କୁମାର ସାହୁ, ଅମିତ କୁମାର ରଥ, ଋତୁରାଜ ପ୍ରଧାନ, ନରେନ୍ଦ୍ର ବେହେରା ଯୋଗ ଦେଇଥିଲେ । ଫୁଲବାଣୀ କେନ୍ଦ୍ରୀୟ ବିଦ୍ୟାଳୟର ଅୟନ ଓ ଅମିତ ଉଚ୍ଚମାନର କ୍ରୀଡା ପ୍ରଦର୍ଶନ କରିଥିଲେ । ସେହିପରି ବରିଷ୍ଠ ବର୍ଗରେ ପ୍ରକାଶ କୁମାର ଦେହୁରୀ, ମନୋଜ ପାତ୍ର, ଦିବ୍ୟରଞ୍ଜନ ପାତ୍ର, ରାକେଶ ମହାପାତ୍ର ଉଚ୍ଚମାନର କ୍ରୀଡା ପ୍ରଦର୍ଶନ କରି ଜାତୀୟସ୍ତର କ୍ରୀଡାକୁ ମନୋନୀତ ହୋଇଛନ୍ତି । ଆସନ୍ତା




ଦୁଃସାହାସିକ କ୍ରୀଡ଼ାରେ ଭାଗନେଇଥିବା ପ୍ରତିଯୋଗୀମାନେ।

ମେ ମାସରେ ହିମାଞ୍ଚଳ ପ୍ରଦେଶର ସିମଳାଠାରେ ହେବାକୁ ଥିବା ଜାତୀୟ ଦୁଃସାହସିକ କ୍ରୀଡା ଶିବିରରେ ଏମାନେ ଭାଗନେବେ । ସମୀର କୁମାର ପ୍ରଧାନ, ଜ୍ୟୋତି ରଞ୍ଜନ ସାସମଲଙ୍କ ନେତୃତ୍ୱରେ କ୍ରୀଡାବିତମାନେ ଏହି କ୍ରୀଡାରେ ଭାଗ ନେଇଥିଲେ । ଦୁଃସାହସିକ କ୍ରୀଡା ସଂଘର ସଚିବ ତଥା କମାଣ୍ଡାଣ୍ଟ ଦୀପକ କୁମାର ରଥ ଏହି ସୂଚନା ଦେଇଛନ୍ତି ।

# ହାତ ତିଆରି ଯନ୍ତ୍ରପାତିରେ ଚାଷ କରୁଛନ୍ତି ସୁରଞ୍ଜନ

ଦାରିଙ୍ଗବାଡି, ୩୧(ଡି.ଏନ.ଏ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବାଡ଼ବାଙ୍ଗା ପଞ୍ଚାୟତର ପଦ୍ମପଲି ଗ୍ରାମର ଯୁବ ଚାଷୀ ସୁରଞ୍ଜନ ପ୍ରଧାନ। ଏକାଧିକ ଏକର ଜମିରେ କରିଛନ୍ତି ପରିବା ଚାଷ। ତେବେ ତାଙ୍କୁ ସରକାରୀ ସହାୟତା ମିଳି ନ ଥିବା ବେଳେ ନିଜେ ଭଙ୍ଗା ସାଇକେଲ, ଭଙ୍ଗା ଲୁହା ଯୋଗାଡ଼ କରି ସେଥିରେ ଯନ୍ତ୍ରପାତି ତିଆରି କରୁଛନ୍ତି ଚାଷ। ମଟର, କୋବି, ଟମାଟୋ ଆଦି ଚାଷ କରୁଛନ୍ତି। କିନ୍ତୁ ପାଣି ଅଭାବରୁ ତାଙ୍କର ପନିପରିବା ଫସଲ ନଷ୍ଟ ହୋଇଯାଉଥିବା କହିଛନ୍ତି। ନିଜସ୍ୱ ଉଦ୍ୟମରେ ଏକ ପୋଖରୀ ଖୋଳିଥିଲେ ବି ପାଣି ଅଭାବ ଦେଖାଦେଉଛି। ଫଳରେ ପନିପରିବା ଚାଷରେ ବହୁ କ୍ଷତି ସହୁଥିବା କହିଛନ୍ତି ଚାଷୀ ସୁରଞ୍ଜନ। ପାଣି ଅଭାବରୁ ପରିବା ସେପରି ଭଲ ଭାବେ ଫଳୁ ନ ଥିବା ବେଳେ ଅଧିକାଂଶ ନଷ୍ଟ ହୋଇଯାଉଛି। ନିଜେ ଭଙ୍ଗା ସାଇକେଲ, ଲୁହା ଆଦି ଯୋଗାଡ଼ କରି ଜମି ସମତଳ କରିବା ସହ ଘାସ ବାଛିବା ଯନ୍ତ୍ର ବ୍ୟବସ୍ଥା କରିଛନ୍ତି। କେବଳ ଗୋଟିଏ ପାୱାର ଟିଲର ସବ୍‌ସିଡିରେ କ୍ରୟ କରିଛନ୍ତି ବୋଲି କୁହନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ରହିଥିଲେ ସୁଦ୍ଧା ସୁରଞ୍ଜନଙ୍କ ନିକଟରେ ପହଞ୍ଚିପାରି ନାହିଁ। ସେହିପରି ପନିପରିବା ଚାଷ ପାଇଁ ଉଦ୍ୟାନ ବିଭାଗ ହେଉ କି ମୃତ୍ତିକା ସଂରକ୍ଷଣ ବିଭାଗ, କୃଷି ବିଭାଗ ଏବଂ ବ୍ଲକ ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା କଲେ ସେ ନିଜ ଚାଷକୁ ବଢ଼ାଇ ଅଞ୍ଚଳରେ ପନିପରିବାର



ଅଭାବକୁ ପୂରଣ କରିପାରିବେ ବୋଲି କହିଛନ୍ତି। ଉଦ୍ୟାନ ବିଭାଗ ଏବଂ କୃଷି ବିଭାଗ ପକ୍ଷରୁ ଚାଷ ପ୍ରଣାଳୀ ବିଷୟରେ ତାଲିମ ଦେଇ ଚାଷୀଙ୍କ ଦକ୍ଷତା ବୃଦ୍ଧି କରିବା ଏବଂ ଚାଷୀଙ୍କୁ ସହାୟତା ରାଶି ଦେବାକୁ ନିୟମ ରହିଥିଲେ ସୁଦ୍ଧା

**■ମିଳୁନି ସରକାରୀ ସହାୟତା**
**■ସରକାରୀ ଯୋଜନା ଅପହଞ୍ଚ**

ସୁରଞ୍ଜନଙ୍କ ନିକଟରେ ଏହି ଯୋଜନା ପହଞ୍ଚି ନ ଥିବା ଜଣାପଡ଼ିଛି। ଏନେଇ ସହକାରୀ ଉଦ୍ୟାନ ଅଧିକାରୀ ନୀଳାଚଳ ପଣ୍ଡା କହିଛନ୍ତି ଯେ, ଆମେ ଏବେ ଶୁଣିଲୁ ନିଶ୍ଚିତ ବିଭାଗ ଦ୍ୱାରା ଯାହା ଆବଶ୍ୟକ ପଦକ୍ଷେପ ନେଇ ତାଙ୍କୁ ସହାୟତା କରାଯିବ। ସେହିପରି ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର କହିଛନ୍ତି ଯେ ସୁରଞ୍ଜନ ଜଣେ ସଫଳ ଚାଷୀ ବୋଲି ଆମେ ଜାଣିଲୁ, ତାଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୋଖରୀ କିମ୍ବା କୂପ ଖୋଳିବା ପାଇଁ ପଦକ୍ଷେପ ନେବାକୁ ଚେଷ୍ଟା କରିବୁ।

### ପ୍ରଲୋଭନ ଦେଖାଇ ନାବାଳିକାଙ୍କୁ ବଳାତ୍କାର

ଏମ୍‌ଭି ୭୯,୩୧(ଡି.ଏନ୍.ଏ.)
ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ପିଭି-୬୫ ଗ୍ରାମର ସନ୍ତୋଷ ମିର୍ଦ୍ଧା ତାଙ୍କ ପଡ଼ୋଶୀ ରୂପେ ରହୁଥିବା ଜଣେ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ପରିବାର ଲୋକେ ଝିଅକୁ ତାଙ୍କ କକା ଦାୟିତ୍ୱରେ ଛାଡ଼ି ଦାଦନ ଖଟିବାକୁ ଆନ୍ଧ୍ର ଯାଇଥିଲେ। ଏହି ସୁଯୋଗରେ ସନ୍ତୋଷ ଏପରି କାର୍ଯ୍ୟ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମାଆବାପା ଜାଣିବା ପରେ ଇତିମଧ୍ୟରେ ଘରକୁ ଫେରି ଆସିଛନ୍ତି। ସେମାନେ ଏମ୍‌ଭି-୭୯ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୩୭୬/୨୩ରେ ଏକ ମାମଲା ରୁଜୁକରିବା ସହ ସନ୍ତୋଷଙ୍କୁ ଗିରଫକରି ମଙ୍ଗଳବାର କୋର୍ଟଚାଲାଣ କରିଛି ବୋଲି ଥାନା ଅଧିକାରୀ ସୁନୀଲ ସରେନ କହିଛନ୍ତି।

